ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ ଇତ୍ୟାଦି

ବନାମ

ନିରଞ୍ଜନ ନାୟକ ଏବଂ ଅନ୍ୟଜଣେ ଇତ୍ୟାଦି

ଏପ୍ରିଲ 21,1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟାଧୀଶ ଦ୍ୱୟ]

*ସେବା ଆଇନ :*

*ଯୋଗ୍ୟତା – ହାସଲ କରିବା – ଅତିରିକ୍ତ ପରିମାଣର ଅଧିକାର ପାଇବା ପାଇଁ ଯୋଗ୍ୟତା ହାସଲର ଶେଷ ତାରିଖ ସ୍ଥିର କରାଗଲା – ବିଧିମାନ୍ୟ ଦର୍ଶାଇଥିଲେ – ରିଟ୍ ଆବେଦନ ବିଚାରାଧୀନ – ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ନିୟମ ଆଧାରରେ ମାମଲାର ନିଷ୍ପତ୍ତି ନେବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3179/1997 ଇତ୍ୟାଦି ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓ. ଜେ. ସି. ସଂଖ୍ୟା 1196/1994ର 19.4.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଜନ କଲ୍ୟାଣ ଦାସ ଏବଂ ଏସ୍. ମିଶ୍ର (ପି. ଏନ୍. ମିଶ୍ର)ଙ୍କ ପାଇଁ ।

ପ୍ରତିବାଦୀଙ୍କ ପାଇଁ ଏ. ମାରିୟାରପୁଥମ, ମୋହନ କୁମାର ମହାନ୍ତି, ଅରୁଣା ମାଥୁର ଏବଂ ଜୟା ସାଲଭା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଗ୍ରହଣ କରିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଓଡ଼ିଶା ଉଚ୍ଚନ୍ୟାୟାଳୟର ଏପ୍ରିଲ 19, 1995 ତାରିଖ ଓ. ଜେ. ସି. ସଂଖ୍ୟା 1196/1994 ଏବଂ ସମୂହ ବିଚାରରୁ ଏହି ଆବେଦନଗୁଡିକ ଉତ୍ପନ୍ନ ।

ଯୋଗ୍ୟତା ହାସଲ ପାଇଁ ସରକାର 1 ଏପ୍ରିଲ, 1981 ତାରିଖକୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରିଛନ୍ତି ଏବଂ ଯେଉଁମାନେ ସେହି ତାରିଖ ପୂର୍ବରୁ ଯୋଗ୍ୟତା ହାସଲ କରିଛନ୍ତି, ସେମାନେ ନିୟମ ଅନୁଯାୟୀ ନିର୍ଦ୍ଧାରିତ ଅତିରିକ୍ତ ରାଶି ପାଇବାକୁ ହକଦାର । ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ନିୟମାବଳୀର ସନ୍ଦର୍ଭ ବିନା ରିଟ୍ ଆବେଦନକୁ

ଅନୁମତି ଦେଇଛନ୍ତି । ଏହା ସ୍ଥିରୀକୃତ ଆଇନ ଯେ ଶେଷ ତାରିଖ ବୈଧ ହେବା ଆବଶ୍ୟକ ଏବଂ ହାସଲ କରିବାକୁ ଚାହୁଁଥିବା ଉଦ୍ଦେଶ୍ୟ ସହିତ ଯୁକ୍ତିଯୁକ୍ତ ସମ୍ପର୍କ ବହନ କରିବା ଉଚିତ ।

ଏହା କୁହାଯାଇଛି ଯେ ଶିକ୍ଷକମାନେ 1974 ନିୟମର ନିୟମ 9 ଉପରେ ନିର୍ଭର କରୁଛନ୍ତି । ଆମକୁ ଅବଗତ କରାଯାଇଛି ଯେ ନିୟମ 9 ଆଧାରରେ ଉଚ୍ଚନ୍ୟାୟାଳୟରେ ଅନେକ ରିଟ୍ ଆବେଦନ ବିଚାରାଧୀନ ରହିଛି। ଏହି ପ୍ରସଙ୍ଗରେ ସେହି ଦୃଷ୍ଟିକୋଣରୁ, ଏହା ବାଞ୍ଛନୀୟ ହୋଇପାରେ ଯେ ଏହି ସମସ୍ତ ବିଷୟ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଉ ।

ସମସ୍ତ ତଥ୍ୟର ସମଗ୍ର ଦୃଷ୍ଟିକୋଣକୁ ଗ୍ରହଣ କରି, ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟର ବିଚାରକୁ ରଦ୍ଦ କରିଦିଆଯାଇଛି । ଉଚ୍ଚ ନ୍ୟାୟାଳୟ ଏହି ବିଷୟକୁ ନୂତନ ଭାବେ ବିଚାର କରିବା ପାଇଁ ସ୍ୱାଧୀନ । ପ୍ରତିବାଦୀମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା କହିଛନ୍ତି ଯେ ଆବେଦନ ଫଳାଫଳ ଅନୁଯାୟୀ ଆଦେଶ କାର୍ଯ୍ୟକାରୀ କରାଯାଇଥିଲା । ଏହି ଆଦେଶର କାର୍ଯ୍ୟାନ୍ୱୟନ ଉଚ୍ଚ ନ୍ୟାୟାଳୟର ମାମଲାର ଯାଞ୍ଚ କରିବା ଦିଗରେ ପ୍ରତିବନ୍ଧକ ନୁହେଁ । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.

ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ : ଶ୍ରୀ ସବ୍ୟସାଚୀ ରାଉତ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ